ପଞ୍ଚତନ୍ତ୍ରର କାହାଣୀ ୪ର୍ଥ



Digitized by srujanika@gmail.com

ପଞ୍ଚତନ୍ତ୍ରର କାହାଣୀ

[ଚତୁର୍ଥ ଭାଗ]

ଶ୍ରୀ ଚନ୍ଦ୍ରଶେଖର ମିଶ୍ର

ଗାୟତ୍ରୀ ପ୍ରକାଶିନୀ

Digitized by srujanika@gmail.com

ପ୍ରକାଶକ : **ଗାୟତ୍ରୀ ପ୍ରକାଶିନୀ,** ସୂତାହାଟ, କଟକ-୧

ମୁଦ୍ରକ : ଅପ୍ରତିମା ଅଫ୍‌ସେଟ୍ ପ୍ରିଣ୍ଟସ୍, ସୂତାହାଟ, କଟକ

ନୂତନ ସଂସ୍କରଣ : ୧୯୯୬

ମୂଲ୍ୟ : ଟ. ୮.୦୦

ସୂଚୀ

୧.	କର୍ମଫଳ	୩
୨.	ବୁଦ୍ଧିର କରାମତି	୬
୩.	ବୋକା ଓ ମିଛୁଆ କୁମ୍ଭୀର	୧୦
୪.	ଠକର ମଧୁର ବଚନ	୧୪
୫.	ବିଲୁଆ ସିଂହକୁ ବୋକା ବନେଇଲା	୧୮
୬.	ଜନ୍ମ ଅନୁସାରେ ଗୁଣ	୨୦
୭.	କୁଳବୁଡ଼ା ବେଙ୍ଗରଜା	୨୩
୮	ପାଠଠାରୁ ବୁଦ୍ଧି ବଡ଼	୨୫
୯.	ଦୁଇମୁଣ୍ଡିଆ ତନ୍ତୀ	୨୯

Digitized by srujanika@gmail.com

କର୍ମଫଳ

ଜଣେ ରଜାପୁଅ ଥିଲେ। ତାଙ୍କ ପେଟରେ ସାପଟିଏ କେଉଁଦିନରୁ ରହିଯାଇଥିଲା। ତେଣୁ ସେ ସବୁବେଳେ ରୋଗିଣା ଦେଖାଯାଉଥିଲେ। ଦିନକୁ ଦିନ ତାଙ୍କର ଦେହ କ୍ଷୀଣ ହେବାକୁ ଲାଗିଲା। ବଇଦମାନେ ତାଙ୍କର ରୋଗ ଭଲ କରି ପାରିଲେ ନାହିଁ। ରଜାପୁଅ ଘର ଛାଡ଼ି ଆଉ ଏକ ନଗରକୁ ପଳାଇଗଲେ। ସେଠାରେ ସେ ଗୋଟିଏ ମନ୍ଦିରରେ ରହି ଦୁଃଖ କଷ୍ଟରେ ଚଳିଲେ।

ସେଇ ନଗରରେ ଆଉ ଜଣେ ରାଜା ଥିଲେ। ତାଙ୍କର ଦୁଇଟି ଝିଅ ଥାଆନ୍ତି। ସେ ଦୁହେଁ ନିତି ସକାଳେ ବାପାଙ୍କ ପାଖକୁ ଆସି ନମସ୍କାର କରନ୍ତି। ବଡ଼ଝିଅ ନମସ୍କାର କରି କହେ– 'ରାଜାଙ୍କର ଜୟ ହେଉ'। କିନ୍ତୁ ସାନ ଝିଅଟି ସବୁଦିନ କହେ– 'ରାଜା ତାଙ୍କ କର୍ମର ଫଳ ପାଆନ୍ତୁ'। ରାଜା ତେଣୁ ବଡ଼ ଝିଅକୁ ବେଶି ଭଲପାଆନ୍ତି ଓ ସାନ ଝିଅ ଉପରେ ସବୁବେଳେ ରାଗନ୍ତି।

ଏଇପରି କେତେଦିନ ଗଲା ପରେ ଦିନେ ରାଜା ମନ୍ତ୍ରୀଙ୍କୁ ଡାକି କହିଲେ– ''କୌଣସି ଦେଶରୁ ଆମ ରାଜ୍ୟକୁ ଆସିଥିବା ଜଣେ ଲୋକ ସହିତ ମୋ ସାନ ଝିଅର ବାହାଘର କରିଦିଅ। ସେ ତା'ର କର୍ମର ଫଳ ଭୋଗକରୁଥାଉ।''

ରାଜାଙ୍କ କଥା ଶୁଣି ମନ୍ତ୍ରୀ ଚାରିଆଡ଼େ ଦୂତମାନଙ୍କୁ ପଠାଇଲେ। ଏପରି ଲୋକଟିଏ ଖୋଜିବାକୁ ଯାଇ ମନ୍ଦିରରେ ରହୁଥିବା ରଜାପୁଅକୁ ସେମାନେ ଧରିଆଣିଲେ। ମନ୍ତ୍ରୀ ତାଙ୍କ ସହିତ ରାଜାଙ୍କ ସାନଝିଅର

Digitized by srujanika@gmail.com

ବିଭାଘର କରିଦେଲେ। ରାଜାଝିଅ ତା'ର ସ୍ୱାମୀକୁ ନେଇ ଆଉ ଏକ ରାଜ୍ୟକୁ ଚାଲିଗଲା। ସେ ଦୁହେଁ ଯାଇ ସେଇ ରାଜ୍ୟର ଗୋଟିଏ ପୋଖରୀ କୂଳରେ ଯାଇ ପହଞ୍ଚିଲେ। ସେ ଦୁହିଁଙ୍କ ଖାଇବା ପାଇଁ ଜିନିଷପତ୍ର ଆଣିବ ବୋଲି ରାଜାଝିଅ ବଜାରକୁ ଗଲା। ରାଜାପୁଅ ପୋଖରୀ କୂଳରେ ବସିରହିଲା। କିଛି ସମୟ ପରେ ସେ ସେଠାରେ ଶୋଇପଡ଼ିଲା।

ତା'ର କିଛି ସମୟ ପରେ ରାଜାଝିଅ ବଜାରରୁ ଫେରି ଆସିଲା। ସେ ଦେଖିଲା– ତା'ର ସ୍ୱାମୀ ଏକ ହୁଙ୍କା ପାଖରେ ଶୋଇପଡ଼ିଛନ୍ତି। ତାଙ୍କ ପାଟିରୁ ସାପଟିଏ ଅଧା ବାହାରି ଫଣା ଟେକି ପବନରେ ଖେଳୁଛି। ତାକୁ ଦେଖି ହୁଙ୍କାରୁ ଆଉ ଗୋଟିଏ ସାପ ବାହାରି ଫଣାଟେକି ପବନରେ ଖେଳିଲା। ହୁଙ୍କାର ସାପଟି ରଜାପୁଅ ପେଟର ସାପକୁ କହିଲା– "ଆରେ ଦୁଷ୍ଟ! ତୁ ଏଇ ରଜାପୁଅର ପେଟ ଭିତରେ ରହି ତାକୁ ଏତେ କଷ୍ଟ ଦେଉଛୁ କାହିଁକି? ଯଦି କେହି ଜଣେ ପୁରୁଣା କାଞ୍ଜିପାଣିରେ ସୋରିଷକୁ ବାଟି ମିଶାଇ ରଜାପୁଅକୁ ପିଆଇଦେବ ତେବେ ତୁ ମରିଯିବୁ। ଏ କଥା କେହି ଜାଣନ୍ତି ନାହିଁ ବୋଲି ସିନା ତୁ ଆଜିଯାଏଁ ରଜାପୁଅର ପେଟରେ ବଞ୍ଚିରହିଛୁ!"

ଏହା ଶୁଣି ରାଜାପୁଅ ପେଟରୁ ବାହାରିଥିବା ସାପ ରାଗିଯାଇ କହିଲା– "ତୋର ମରଣ କଥା କହୁଚି ଶୁଣ। ଯଦି କେହି ତେଲ ବା ପାଣିକୁ ଗରମ କରି ତୋ ଗାତରେ ଢାଳିଦେବ, ତେବେ ତୁ ମରିଯିବୁ। ହୁଙ୍କା ଭିତରେ ଥିବା ସୁନାମୋହର ଭରା ମାଠିଆ ଦୁଇଟି ଉପରେ ତୁ ସବୁବେଳେ ବସିଛୁ। କେହି ଯଦି ଏକଥା ଜାଣିପାରନ୍ତା, ତେବେ ତୋତେ ମାରି ସୁନାମୋହରଭରା ମାଠିଆ ଦୁଇଟା ନେଇଯାନ୍ତା।"

ରାଜାଝିଅ ସାପ ଦୁଇଟିଙ୍କ କଥା ଶୁଣୁଥିଲା। କିଛି ସମୟ

Digitized by srujanika@gmail.com

Digitized by srujanika@gmail.com

ଗଲାପରେ ହୁଙ୍କାର ସାପ ହୁଙ୍କା ଭିତରକୁ ଗଲା ଓ ରାଜାପୁଅ ପେଟରୁ ବାହାରିଥିବା ସାପଟି ତା' ପେଟ ଭିତରକୁ ପଶିଗଲା ।

ତା'ପରେ ରାଜାଝିଅ ଜଣେ ଲୋକର ଘରୁ କିଛି ପୁରୁଣା କାଞ୍ଜିପାଣି ମାଗିଆଣିଲା । ମୁଠେହେବ ସୋରିଷ ବାଟି ସେଥିରେ ମିଶାଇଦେଇ ସ୍ୱାମୀକୁ ପିଆଇଦେଲା । ପେଟରେ ଏହା ପଡ଼ିବା ପରେ ରଜାପୁଅର ପେଟରେ ଥିବା ସାପଟି ବାହାରିଆସି ମରିଗଲା । ତାପରେ ରାଜାପୁଅର ଦେହ ଭଲହୋଇଗଲା ।

ଏହାପରେ ରାଜାଝିଅ କିଛି ତେଲ ଆଣି ଗରମ କରି ହୁଙ୍କା ଗାତରେ ଢାଳିଦେଲା । ଫଳରେ ହୁଙ୍କା ଭିତରୁ ସାପଟି ବାହାରକୁ ଆସି ମରିଗଲା । ଏହାପରେ ରାଜାଝିଅ ହୁଙ୍କା ଖୋଳିବାରୁ ସୁନାମୋହର ଭରା ଦୁଇଟି ମାଠିଆ ପାଇଲା । ସେ ସେଇ ସୁନାମୋହର ସହିତ ରାଜାପୁଅଙ୍କୁ ସାଙ୍ଗରେ ନେଇ ନିଜ ଘରକୁ ଫେରିଆସିଲା ।

ରାଜାଝିଅର କର୍ମରେ ସୁଖ ଥିବାରୁ ତା'ର ସ୍ୱାମୀଙ୍କ ଦେହ ଭଲହେଲା ଓ ସେ ବହୁତ ଧନ ପାଇଲା । ସେ ଦୁହେଁ ବଡ଼ ଖୁସିରେ ଘରଦ୍ୱାର କରି ରହିଲେ । ତେଣୁ କୁହାଯାଏ – 'କର୍ମରେ ଯାହା ଥାଏ ତାହା ମିଳେ' ।

ବୁଦ୍ଧିର କରାମତି

ବଣର ଗୋଟିଏ ବରଗଛରେ କୁଆମାନେ ବସାବାନ୍ଧି ରହିଥିଲେ । ଅଳ୍ପ ଦୂରରେ ଥିବା ଏକ ପାହାଡ଼ ଗୁମ୍ଫାରେ ପେଚାମାନେ ବସା କରିଥିଲେ । ପେଚାମାନଙ୍କ ରାଜା ନିତି ରାତିରେ ଆସି ବରଗଛର ଚାରିପାଖରେ ବୁଲେ । ଯଦି କେଉଁ କୁଆ ତାର ହାବୁଡ଼ରେ ପଡ଼ିଯାଏ ତେବେ ତାକୁ ମାରିଦିଏ ।

Digitized by srujanika@gmail.com

କୁଆମାନଙ୍କର ରାଜା ଏଇ କଥା ଶୁଣିବା ପରେ ନିଜର ମନ୍ତ୍ରୀମାନଙ୍କୁ ଡାକିଲା। ସେମାନଙ୍କ ସାଙ୍ଗରେ ବସି ସେ ବିଚାର କଲା– କ'ଣ ଉପାୟ କଲେ ପେଚାରାଜା କୁଆମାନଙ୍କୁ ଆଉ ମାରିପାରିବ ନାହିଁ। ମନ୍ତ୍ରୀମାନଙ୍କ ଭିତରୁ ଜଣେ କହିଲା ଯେ, ପେଚାରାଜାଙ୍କ ସହିତ ମିଳାମିଶା କରିନେବା ଭଲହେବ। ଆଉ ଜଣେ ଲଢ଼େଇ କରିବାକୁ କହିଲା। ଆଉ ଜଣେ ମନ୍ତ୍ରୀ କହିଲା– ଚାଲ, ଏଠାରୁ ଆଉ ଏକ ଜାଗାକୁ ପଳାଇଯିବା।

ଏଇସବୁ କଥା କୁଆରାଜା ମନକୁ ମୋଟେ ପାଇଲା ନାହିଁ। ସେ ତା'ର ଜଣେ ବୁଢ଼ା ମନ୍ତ୍ରୀକୁ ଡାକି ପଚାରିବାରୁ ସେ କହିଲା– ''କପଟ କରି ଆମେ ଶତ୍ରୁକୁ ମାରିଦେଇ ପାରିବା। ମତେ ତୁମେ ପେଚାମାନଙ୍କ ପଟର ବୋଲି କହି ସବୁ କୁଆମାନଙ୍କ ଆଗରେ ଗାଳିଦିଅ। ମୋ ଦେହରେ ଆଉ କାହାର ରକ୍ତ ଆଣି ବୋଳିଦିଅ। ମୋର ଗୋଡ଼କୁ ବାନ୍ଧିଦେଇ ବରଗଛ ତଳେ ପକାଇଦିଅ। ତା'ପରେ ସବୁ କୁଆଙ୍କୁ ନେଇ ଆଉ ଗୋଟିଏ ଜାଗାକୁ ଚାଲିଯାଅ। ମୁଁ ଯାଇ ଖବର ଦେଲେ ତୁମେମାନେ ଏଠାକୁ ଆସିବ।''

ବୁଢ଼ା କୁଆ ଯେପରି କହିଲା କୁଆରାଜା ସେଇପରି କଲା। ତା' ଦେହରେ ରକ୍ତ ବୋଳି, ତା'ର ଗୋଡ଼କୁ ବାନ୍ଧି ଗଛମୂଳେ ପକାଇଦେଲା। ତା'ପରେ ସବୁ କୁଆ ଆଉ ଏକ ଦୂର ଜାଗାକୁ ପଳାଇଗଲେ।

ଗୋଟିଏ ପେଚା ଆସି ପେଚା ରାଜାକୁ କହିଲା– ''କୁଆମାନେ ଆମକୁ ଡରି ବରଗଛରୁ ପଳାଇଗଲେଣି।'' ତାହା ଶୁଣି ପେଚାରାଜା ବରଗଛ ପାଖକୁ ଯାଇ ସବୁ ପେଚାଙ୍କୁ କହିଲା– ''କୁଆମାନେ କୁଆଡ଼େ ଗଲେ ତୁମେମାନେ ଖୋଜ ଓ ସେମାନଙ୍କୁ ମାର।'' ଏଇକଥା ବରଗଛ ତଳେ ପଡ଼ିଥିବା ବୁଢ଼ାକୁଆର କାନରେ ପଡ଼ିବାରୁ ସେ ଭାବିଲା– 'ଏଇକ୍ଷଣି ଏଇ ଦୁଷ୍ଟ ପେଚାଗୁଡ଼ାକ ଯାଇ କୁଆମାନଙ୍କୁ

Digitized by srujanika@gmail.com

ମାରିଦେବେ । ତେଣୁ ମୁଁ ସେମାନଙ୍କୁ ଅଟକାଇଦେବା ଠିକ୍ ହେବ । ଏପରି ଚିନ୍ତାକରି ସେ 'କାଆ କାଆ' ଡାକ ଦେଲା ।

ତାହା ଶୁଣି ପେଚାରାଜା ସେଠାକୁ ଆସିବାରୁ ବୁଢ଼ାକୁଆ ଦୁଃଖର ଛଳନା କରି କହିଲା– "ଦେଖ କୁଆମାନଙ୍କ ରାଜା ମତେ ମାଡ଼ଦେଇ ଲହୁଲୁହାଣ କରିଦେଇଚି । ମୋର ଦୋଷହେଲା ଯେ, ମୁଁ ପେଚାମାନଙ୍କର ପକ୍ଷ ନେଇ କଥା କହିଲି । ମୁଁ କହିଲି ଯେ, ପେଚାମାନଙ୍କ ସାଙ୍ଗରେ କଳି ନକରି ମିତ୍ର ହୋଇଯାଅ । ଏଇ କଥାରେ ସେ ରାଗିଯାଇ ମୋତେ ମାଡ଼ ମାରି ଏଠି ପକାଇଦେଇ ପଳାଇଲା । ଏଣିକି ମୁଁ ତୁମ ପାଖରେ ରହି ତୁମର ସେବା କରିବି । ତୁମେ ଯାହା କହିବ ତା' କରିବି ।"

ବୁଢ଼ା କୁଆର ଏଇଭଳି ମିଛକଥାକୁ ପେଚାଙ୍କ ରାଜା ବିଶ୍ୱାସ କରି ପେଚାମାନଙ୍କୁ କହିଲା– "ଏଇ କୁଆକୁ ଆମ ଗୁହା ଭିତରକୁ ନେଇଚାଲ । ସେ ଆମ ସାଙ୍ଗରେ ଗୁହା ଭିତରେ ରହିବ । କୁଆମାନଙ୍କୁ ମାରିବାପାଇଁ ସେ ଆମକୁ ସାହାଯ୍ୟ କରିବ ।"

ରାଜା କଥା ମାନି ପେଚାମାନେ ବୁଢ଼ାକୁଆକୁ ତାଙ୍କର ଗୁହା ଭିତରକୁ ନେଇଗଲେ । କୁଆ କହିଲା– "ତୁମେମାନେ ମତେ ଗୁହା ଭିତରେ ରଖିବା ଠିକ୍ ହେବ ନାହିଁ । କାରଣ ଯେତେହେଲେ ମଧ୍ୟ ମୁଁ ତୁମର ଶତ୍ରୁମାନଙ୍କ ପକ୍ଷର ଲୋକ । ମତେ ଏଇ ଗୁହାର ଦୁଆରମୁହଁରେ ରହିବାକୁ ଦିଅ ।"

ବୁଢ଼ା କୁଆର ଚାଲାକି ପେଚାରାଜା ବୁଝିନପାରି ତାକୁ ଗୁହାର ଦୁଆରମୁହଁରେ ରଖିଲା । ତା'ପରଠୁଁ କୁଆ ନିତି ବଣକୁ ଯାଇ ଗୋଟିଏ ଲେଖାଏଁ କାଠି ତା'ର ଥଣ୍ଟରେ ଆଣି ଗୁହା ଦୁଆର ମୁହଁରେ ଜମାକରେ । ଏପରି କରିବାର କାରଣ ପେଚାମାନେ ପଚାରିବାରୁ ସେ କହିଲା– "ମୁଁ ଏଇଠି ମୋ ପାଇଁ ବସାଟିଏ ତିଆରିକରିବି ।" ତାହା ଶୁଣି ପେଚାମାନେ ଆଉ କିଛି କହିଲେ ନାହିଁ ।

Digitized by srujanika@gmail.com

Digitized by srujanika@gmail.com

ଯେତେବେଳେ ଗୁଡ଼ିଏ କାଠି ଜମା ହୋଇଗଲା, ତା'ପରେ ଦିନେ ବୁଢ଼ାକୁଆ ଲୁଚିକରି କୁଆରାଜା ପାଖକୁ ଗଲା। ତାକୁ କହିଲା – "ସବୁ କୁଆ ଖଣ୍ଡେ ଖଣ୍ଡେ ଜଳନ୍ତା କାଠି ନେଇ ପେଚାମାନଙ୍କ ଗୁହାର ଦୁଆର ମୁହଁରେ ପକାଇଦିଅନ୍ତୁ। ସେଇଠାରେ ମୁଁ ଶୁଖିଲା କାଠିଗୁଡ଼ିଏ ଜମାକରିଦେଇଚି। କାଠିଗଦାରେ ନିଆଁ ଲାଗିଗଲେ ପେଚାମାନେ ସେଥିରେ ପୋଡ଼ିହୋଇ ମରିବେ।"

ବୁଢ଼ାକୁଆର କଥା ମାନି ସବୁ କୁଆ ଖଣ୍ଡେ ଖଣ୍ଡେ ଜଳନ୍ତା କାଠି ଧରି ଉଡ଼ିଗଲେ ଓ ଗୁହା ଦୁଆର ପାଖରେ ପକାଇଲେ। ବୁଢ଼ାକୁଆ ସେଠାରେ ଜମାକରିଥିବା କାଠିରେ ନିଆଁ ଲାଗିବାରୁ ତାହା ଜଳିଉଠିଲା। ଦୁଆର ମୁହଁରେ ନିଆଁ ଦେଖି ପେଚାମାନେ ଗୁହାରୁ ବାହରି ଆସୁ ଆସୁ ନିଆଁରେ ପୋଡ଼ିମଲେ। ତା'ପରେ କୁଆରାଜା ସବୁ କୁଆଙ୍କୁ ନେଇ ବରଗଛକୁ ଫେରିଆସି ଆନନ୍ଦରେ ରହିଲା।

ତେଣୁ କହନ୍ତି – 'ବୁଦ୍ଧି ଥିଲେ ବିପଦରୁ ରକ୍ଷାମିଳେ'।

ବୋକା ଓ ମିଛୁଆ କୁମ୍ଭୀର

ନଦୀ କୂଳରେ ଥିବା ଏକ ଜାମୁଗଛରେ ମାଙ୍କଡ଼ଟିଏ ବହୁତ ଦିନରୁ ରହୁଥିଲା। ସେଇ ଜାମୁଗଛରେ ବାରମାସଯାକ କୋଳି ପାଚେ। ମାଙ୍କଡ଼ଟି ଜାମୁକୋଳି ଖାଇ ସେଠାରେ ଆନନ୍ଦରେ ଥାଏ।

ଦିନେ କୁମ୍ଭୀରଟିଏ ଜାମୁଗଛ ତଳେ ଥିବା ବାଲିକୁଦ ଉପରକୁ ଉଠିଆସିଲା। ତାକୁ ଦେଖି ମାଙ୍କଡ଼ଟି କହିଲା – "ମୁଁ ଏଇଠି ଏକୁଟିଆ ଥିବାରୁ ମତେ ଭଲଲାଗୁନଥିଲା। ଆଜିଠାରୁ ତୁ ମୋର ମିତ ହେଲୁ।" ଏପରି କହି ସେ କୁମ୍ଭୀରକୁ ଗୁଡ଼ିଏ ଜାମୁକୋଳି

Digitized by srujanika@gmail.com

ଖାଇବାକୁ ଦେଲା। କୁମ୍ଭୀର ଖୁସିରେ ପେଟେ ଜାମୁକୋଳି ଖାଇ ନିଜ ବସାକୁ ଫେରିଗଲା।

କୁମ୍ଭୀର ନିତି ମାଙ୍କଡ଼ ପାଖକୁ ଆସି ଜାମୁକୋଳି ଖାଏ। ଫେରିବାବେଳେ ଗୁଡ଼ିଏ କୋଳି ନିଜ ସ୍ତ୍ରୀ ପାଇଁ ସାଙ୍ଗରେ ନେଇଯାଏ। କୁମ୍ଭୀରର ସ୍ତ୍ରୀ ସେଇ ମିଠା ଜାମୁକୋଳି ଖାଇ ଭାରି ଖୁସିହୁଏ। ଦିନେ ସେ କୁମ୍ଭୀରକୁ କହିଲା – ‘‘ଯିଏ ନିତି ଏଇ ମିଠା ଜାମୁକୋଳି ଖାଉଚି, ତା’ର କଲିଜାଟା ଭାରି ମିଠା ହୋଇଥିବ। ତୁମେ ସେଇ ମାଙ୍କଡ଼ର କଲିଜାଟା ଆଜି ଆଣିଦେଲେ ମୁଁ ତାକୁ ଖାଇବି।’’

କୁମ୍ଭୀର ସ୍ତ୍ରୀର କଥା ଶୁଣି କହିଲା – ‘‘ମାଙ୍କଡ଼ ଓ ମୁଁ ମିତ ବସିଛୁ। ସେ ମତେ ଭାରି ଭଲପାଏ। ମୁଁ ତାକୁ ଯଦି ମାରିଦିଏ ତେବେ ମୋର ଭାରି ପାପ ହେବ। ମିତକୁ ମାରିବାପାଇଁ ମୋର ହାତ ଯିବନାହିଁ। ତୁ ଏପରି ପାପକଥା ଆଉ ଦିନେ କହିବୁନାହିଁ।’’

କିନ୍ତୁ କୁମ୍ଭୀରର ସ୍ତ୍ରୀ ସ୍ୱାମୀର ସେ ଭଲ କଥା ଶୁଣିଲା ନାହିଁ। ଜିଦ୍ କରି କହିଲା – ‘‘ଯଦି ତୁମେ ମାଙ୍କଡ଼ର କଲିଜା ଆଜି ମୋ ପାଇଁ ଆଣି ନଦେବ ତେବେ ମୁଁ ମରିଯିବି।’’

ଶେଷରେ କୁମ୍ଭୀର ତା’ ସ୍ତ୍ରୀର କଥାମାନି ମାଙ୍କଡ଼ ପାଖକୁ ଗଲା। ସ୍ତ୍ରୀ ପାଇଁ ମାଙ୍କଡ଼ର କଲିଜା ଆଣିବାକୁ ଏକ ଉପାୟ ମନରେ ପାଞ୍ଚିଲା। ସେ ମିଛରେ କହିଲା – ‘‘ମିତ! ତୁମେ ଆମକୁ ନିତି ଜାମୁକୋଳି ଖାଇବାକୁ ଦେଉଛ, କିନ୍ତୁ ଆମେ ତୁମକୁ ଥରେହେଲେ କିଛି ଖାଇବାକୁ ଦେଇନାହୁଁ। ଆଜି ତୁମେ ମୋ ସାଙ୍ଗରେ ଆମ ଘରକୁ ଆସ। ତୁମ ମିତଣୀ ତୁମକୁ ଖାଇବାକୁ ଦେବ ବୋଲି କହିଛି।’’

ମାଙ୍କଡ଼ କୁମ୍ଭୀରକୁ କହିଲା – ‘‘ମିତ! ତୁମ ଘର ତ ପାଣି ଭିତରେ କେଉଁଠି ଥିବ। ମୁଁ ପାଣିରେ ପହଁରି ପାରେନାହିଁ –

Digitized by srujanika@gmail.com

ସେଠାକୁ କିପରି ଯିବି ?''

ଏହା ଶୁଣି କୁମ୍ଭୀର କହିଲା – ''ତୁମେ ଆସି ମୋ ପିଠିରେ ବସ – ମୁଁ ତୁମକୁ ଆମ ଘରକୁ ନେଇଯିବି।''

Digitized by srujanika@gmail.com

ମାଙ୍କଡ଼ କୁମ୍ଭୀର କଥାକୁ ସତ ଭାବି ତା'ର ପିଠିରେ ଯାଇ ବସିଲା। କୁମ୍ଭୀର ମାଙ୍କଡ଼କୁ ପିଠିରେ ବସାଇ ନଈ ମଝିରେ ପହଞ୍ଚିଲା ପରେ କହିଲା– "ମିତ! ମୁଁ ତୁମକୁ ମୋ ଘରକୁ ଆଣିବାର କାରଣ ଏବେ କହୁଚି ଶୁଣ। ତୁମେ ତ ନିତି ମିଠା ଜାମୁକୋଳି ଖାଉଚ। ତୁମର କଲିଜା ଖୁବ୍ ମିଠା ଲାଗିବ ବୋଲି ମୋ ସ୍ତ୍ରୀ ତାହା ଖାଇବାକୁ ମନକରିଛି। ତୁମ କଲିଜାଟି ତାକୁ ଦେଲେ ସେ ମୋ ଉପରେ ଭାରି ଖୁସିହେବ।"

ମାଙ୍କଡ଼ କୁମ୍ଭୀରର ଏପରି କଥା ଶୁଣି ଚମକିପଡ଼ିଲା। ଏ ବିପଦରୁ ଉଦ୍ଧାର ପାଇବାକୁ ସେ ଏକ ଉପାୟ ପାଞ୍ଚି କହିଲା– "ମିତ! ତୁମେ ଏ କଥା ମତେ ଆଗରୁ କହିଲ ନାହିଁ କାହିଁକି? ମୁଁ ମୋର କଲିଜାକୁ ଜାମୁଗଛର କୋରଡ଼ରେ ରଖିଦେଇ ଆସିଛି। ମତେ ଆଗରୁ କହିଥିଲେ ମୁଁ ମୋର କଲିଜାଟି ଖୁସିରେ ମୋ ମିତଣୀକୁ ଦେଇଥାନ୍ତି। ଏତେ କଷ୍ଟକରି ମତେ ପିଠିରେ ବୋହିଆଣିବା ଦରକାର ହୋଇନଥାନ୍ତା। ମତେ ସଙ୍ଗେ ସଙ୍ଗେ ଗଛମୂଳକୁ ଫେରାଇ ନେଇ ଚାଲ– ମୁଁ ମୋର କଲିଜାଟି ନେଇ ଆସିବି।"

ବୋକା କୁମ୍ଭୀରଟା ଏ କଥାକୁ ସତ ମଣି ପୁଣି ଜାମୁଗଛ ମୂଳକୁ ଫେରିଆସିଲା। ସେ ଗଛ ପାଖରେ ପହଞ୍ଚିବା ମାତ୍ରେ ମାଙ୍କଡ଼ ଏକ ଡିଆଁ ମାରି ଗଛ ଉପରକୁ ଚାଲିଗଲା। ଡାଳରେ ବସି କହିଲା– "ଆରେ ମୂର୍ଖ! କାହାର କଲିଜା କ'ଣ କାହାର ଦେହରୁ ଅଲଗା ହୋଇ ଥାଏ? ତୁ ମତେ ମିଛ କଥା କହି ମାରିବାକୁ ନେଇଯାଉଥିଲୁ। ମୁଁ ଚାଲାକି କରି ଖସି ପଳାଇ ଆସିଲି। ତୁ ଏବେ ଏଠାରୁ ଚାଲିଯାଆ। ତୋର ମୋର ସାଙ୍ଗ ହେବା ଆଜିଠାରୁ ସରିଲା। ତୁ ଆଉ କେବେ ଏଇ ଜାମୁଗଛ ପାଖକୁ ଆସିବୁନାହିଁ।"

କୁମ୍ଭୀର ଲାଜରେ ମୁଣ୍ଡ ପୋତି ସେଠାରୁ ଫେରି ଆସିଲା।

Digitized by srujanika@gmail.com

ଠକର ମଧୁର ବଚନ

ଗୋଟିଏ ବଣରେ ସିଂହ ଓ ବିଲୁଆ ସାଙ୍ଗ ହୋଇ ରହିଥିଲେ। ସିଂହ ଶିକାର କରି ନିଜେ ଖାଏ ଓ ବିଲୁଆକୁ ଦିଏ। ଏଇପରି କେତେଦିନ ବିତିଗଲା ପରେ ଗୋଟିଏ ଦନ୍ତାହାତୀ ଆସି ସିଂହ ସହିତ ଲଢ଼େଇ କଲା। ସେ ତା'ର ଦାନ୍ତରେ ସିଂହର ଦେହକୁ ଫଡ଼ାଫଡ଼ା କରି ଚିରିପକାଇଲା। ଦେହରୁ ବହୁତ ରକ୍ତ ବୋହିଯିବାରୁ ସିଂହଟାର ବଳ କମିଗଲା। ଦୁର୍ବଳ ହୋଇ ସେ ଗୁହାରେ ଶୋଇରହିଲା ଓ ବଣକୁ ଯାଇ ଶିକାର କରିପାରିଲା ନାହିଁ। ସିଂହ ଓ ବିଲୁଆ ଦୁହେଁ ଖାଇବାକୁ ନପାଇ ଭୋକରେ ଆଉଟୁପାଉଟୁ ହେଲେ।

ଭୋକଉପାସରେ ପଡ଼ି ସିଂହ ଦିନେ ବିଲୁଆକୁ କହିଲା– ''ମିତ! ଆଉ ଭୋକ ସହିପାରିବି ନାହିଁ। ତୁ ବଣକୁ ଯାଇ ଗୋଟିଏ ପଶୁ କେଉଁଠୁ ହେଲେ ଖୋଜି ମୋ ପାଖକୁ ନେଇଆ। ମୁଁ ଏଇଠି ବସିରହି ମଧ ତାକୁ ମାରିଦେଇପାରିବି। ତାହାହେଲେ ତା'ର ମାଂସ ଖାଇ କିଛିଦିନ ବଞ୍ଚିଯିବା।''

ସିଂହର କଥା ଶୁଣି ବିଲୁଆ ବଣକୁ ଯାଇ ଜୀବଟିଏ ଖୋଜିଲା। ହେଲେ କେଉଁଠି କିଛି ପାଇଲା ନାହିଁ। ବଣ ପାଖରେ ଗାଁଟିଏ ଥିଲା। ବିଲୁଆ ଜୀବଟିଏ ଆଣିବ ବୋଲି ଗାଁ ଭିତରକୁ ପଶିଲା। ଗାଁ ମୁଣ୍ଡରେ ଜଣେ ଧୋବାର ଗୋଟିଏ ଗଧ ଚରୁଥିଲା। ତାକୁ ଦେଖି ବିଲୁଆ ଭାବିଲା– 'ଏଇ ଗଧଟାକୁ ଫୁସୁଲାଫୁସୁଲି କରି ସିଂହ ପାଖକୁ ନେଇଯିବି'। ଏପରି ଚିନ୍ତାକରି ସେ କଅଁଳେଇକରି ଗଧକୁ କହିଲା– ''ଆରେ ଭାଇ! ତୋ ଦେହ ଏପରି ଶୁଖିଯାଇଛି କାହିଁକି ?''

Digitized by srujanika@gmail.com

ଗଧ ବିଲୁଆର କଥା ଶୁଣି ଉତ୍ତର ଦେଲା – "କ'ଣ କହିବିରେ ଭାଇ ! ମୋର ଭାଗ୍ୟଟା ଏପରି ମନ୍ଦ ଯେ ମୁଁ ଦିନରାତି ବୋଝ ବୋହିଲେ ବି ପେଟଭରି ମୁଠେ ଖାଇବାକୁ ପାଉନାହିଁ। ଖାଇବାକୁ ନ ପାଇ ମୋର ଦେହ ଦିନକୁଦିନ ଶୁଖିଯାଉଛି।"

ଗଧର କଥା ଶୁଣି ବିଲୁଆ ମିଛରେ ମିଛରେ ଭାରି ଦୁଃଖ କଲା। ସେ ତାକୁ କହିଲା – "ଶୁଣ ଭାଇ ! ତୁ ଆଜି ମୋ ସାଙ୍ଗରେ ବଣକୁ ଚାଲ। ବଣରେ ନଈକୂଳରେ ଓ ପାହାଡ଼ ପାଖରେ କଅଁଳ ଛନଛନିଆ ଘାସ ଭରିରହିଚି। ତାହା ଖାଇଲେ ଦିନ ଦୁଇଟାରେ ତୋର ଦେହ ମୋଟେଇଯିବ।"

ବିଲୁଆର କଥା ଶୁଣି ଗଧ କହିଲା – "ଭାଇ ! ତୁ ଯାହା କହିଲୁ ତା ସତ। ହେଲେ ବଣର ସିଂହ, ବାଘ, ଭାଲୁ ମୋତେ ଦେଖିଲେ ଖାଇଯିବେ ନାହିଁ ତ ?"

ବିଲୁଆ ଉତ୍ତର ଦେଲା – "ସିଂହ ଓ ବାଘ ଭାଲୁ ମତେ ଭାରି ଡରନ୍ତି। ତୁ ମୋ ପାଖରେ ରହିଲେ ସେମାନେ କେହି ତୋ ପାଖ ପଶିପାରିବେ ନାହିଁ। ହଁ, ଆଉ ଗୋଟିଏ କଥା କହୁଚି ଶୁଣ ! ମୋ ବସାରେ ତିନିଟା ମାଇଗଧ ରହିଛନ୍ତି। ମୁଁ ସେମାନଙ୍କୁ ତୋ ସହିତ ବାହା କରାଇଦେବି। ସମସ୍ତେ ଏକାଠି ସାଙ୍ଗହୋଇ ଆନନ୍ଦରେ ରହିବା। ତୁ ଆଉ କିଛି ନଭାବି ଏଇ ସାଥିସାଥି ମୋ ସାଙ୍ଗରେ ବଣକୁ ଚାଲ।"

ବିଲୁଆ କଥାରେ ପଡ଼ି ବୋକା ଗଧଟା ତା' ସାଙ୍ଗରେ ବଣକୁ ଗଲା। ବିଲୁଆ ତାକୁ ସିଂହ ପାଖରେ ପହଞ୍ଚାଇଦେବାରୁ ସେ ତାକୁ ପଂଝାରେ ମାରିଦେବାକୁ ଚେଷ୍ଟାକଲା। କିନ୍ତୁ ଗଧଟା ସିଂହ ହାବୁଡ଼ରୁ ଖସିଗଲା। ହେଲେ ସିଂହର ଆକ୍ରମଣରେ ଗଧର ଗୋଟେ କାନ ଛିଣ୍ଡିଗଲା। ସେ ପ୍ରାଣ ବିକଳରେ ସେଠାରୁ ଦଉଡ଼ି ପଳାଇ ଆସିଲା।

Digitized by srujanika@gmail.com

ତାହା ଦେଖି ବିଲୁଆ ସିଂହକୁ ଗାଳିଦେଇ କହିଲା– "ମିତ! ତୁମେ ଗୋଟାଏ ଗଧକୁ ମାରିପାରିଲ ନାହିଁ ଯେ ସେ ପଳାଇଗଲା। ମୁଁ କେତେ କଷ୍ଟରେ ସେଟାକୁ ତୁମ ପାଖକୁ ଧରିଆଣିଥିଲି।"

ସିଂହ ତାହା ଶୁଣି ଉତ୍ତର ଦେଲା– "ତୁ ଆଉଥରେ ଯାଇ ସେ ଗଧକୁ ଡାକିଆଣ। ଏଥର ମୁଁ ତାକୁ ନିଶ୍ଚୟ ମାରିଦେବି। ମୁଁ ଟିକିଏ କୋହଳକରି ପଂଝା ମାରିବାରୁ ସେ ବଞ୍ଚିଗଲା ସିନା।"

ବିଲୁଆ ପୁଣି ଗଧକୁ ଖୋଜିବାପାଇଁ ଗଲା। ସେ ଦେଖିଲା ଗଧଟା ଗୋଟିଏ ପଡ଼ିଆରେ ଘାସ ଚରୁଛି। ବିଲୁଆକୁ ଦେଖି ଗଧ ଦୁଃଖରେ କହିଲା– "ଭାଇ! ତୁମେ ମତେ ଏପରି ଗୋଟାଏ ଦୁଷ୍ଟ ଜୀବ ପାଖକୁ ନେଇଗଲ ଯେ ସେ ମତେ ମାରିଦେବାକୁ ବସିଥିଲା। ମୋର ଭାଗ୍ୟ ଭଲଥିବାରୁ ମୁଁ ବଞ୍ଚିଗଲି।"

ବିଲୁଆ ମିଛରେ ତାକୁ କହିଲା– "ଆରେ ଭାଇ, ତୁ ଯାହାକୁ ଦୁଷ୍ଟ ଜୀବ ବୋଲି କହୁଚୁ ସେ ଗୋଟିଏ ମାଈ ଗଧ। ସେ ତୋତେ ଆଦର କରି ଟିକିଏ ଆଉଁଷିଦେବାକୁ ଚାହୁଁଥିଲା। ତୁ ତାହା ବୁଝିନପାରି ଡରି ପଳାଇ ଆସିଲୁ। ଥରେ ଦେଖିଲାପରେ ସେ ତୋତେ ବାହା ହେବାକୁ କହୁଚି। ତୁ ମୋ ସାଙ୍ଗରେ ଆସିଲେ ସେ ତୋତେ ଖୁସିରେ ବାହାହେବ।"

ବିଲୁଆର କଅଁଳ କଥାରେ ପଡ଼ି ଗଧ ପୁଣିଥରେ ସିଂହ ପାଖକୁ ଗଲା। ସିଂହ ଏଥର ତାକୁ ଗୋଟିଏ ଥରର ପଂଝା ମାଡ଼ରେ ମାରିଦେଲା। ତା'ପରେ ସିଂହ ବିଲୁଆକୁ କହିଲା– "ମିତ! ତୁମେ ଏଇ ମଲା ଗଧଟାକୁ ଏଠାରେ ଜଗିଥାଅ। ମୁଁ ଗାଧୋଇ ସାରି ଆସିଲେ ସାଙ୍ଗହୋଇ ଖାଇବା।"

ଏହା କହି ସିଂହ ଗାଧୋଇବାକୁ ଯିବାପରେ ବିଲୁଆ ଲୋଭରେ ପଡ଼ି ଗଧର କଲିଜାଟାକୁ ଖାଇଦେଲା। କିଛି ସମୟ ପରେ

Digitized by srujanika@gmail.com

Digitized by srujanika@gmail.com

ସିଂହ ଫେରିଆସି ଦେଖିଲା ଯେ ସେ ମାରିଥିବା ଗଧର କଲିଜାଟା କିଏ ଖାଇଦେଇଚି। ସିଂହ ସେ କଥା ପଚାରିବାରୁ ବିଲୁଆ କହିଲା ''ମିତ! ଏଇ ଗଧର କାନ ଓ କଲିଜା ନଥିଲା। ତା'ର ଯଦି କାନ ଓ କଲିଜା ଥା'ନ୍ତା, ତେବେ ସେ ତୁମ ପାଖକୁ ଦ୍ୱିତୀୟ ଥର ଆସିନଥାନ୍ତା।'' ସିଂହ ତାର କଥାକୁ ବିଶ୍ୱାସ କରି ଆଉ କିଛି କହିଲା ନାହିଁ। ଦୁହେଁ ମିଶି ସେ ଗଧର ମାଂସତକ ଖାଇଲେ।

ଗଧର ବୁଦ୍ଧି ନଥିଲା ବୋଲି ସିନା ସେ ବିଲୁଆର ମିଛ କଥା ବୁଝି ପାରିଲା ନାହିଁ। ତା'ର କଥାରେ ବିଶ୍ୱାସ କରି ଶେଷରେ ପ୍ରାଣହରାଇଲା। ବୁଦ୍ଧି ନଥିଲେ ମଣିଷ ଏମିତି ବିପଦରେ ପଡ଼ିଥାଏ।

ବିଲୁଆ ସିଂହକୁ ବୋକା ବନେଇଲା

ସିଂହଟାଏ ଦିନେ ବଣସାରା ବୁଲିବୁଲି ଗୋଟିଏ ହେଲେ ଶିକାର ପାଇଲା ନାହିଁ। ସେ ଶିକାର ଖୋଜୁ ଖୋଜୁ ସନ୍ଧ୍ୟା ହୋଇଗଲା। ସିଂହ ଭୋକରେ ଆଉଟୁପାଉଟୁ ହୋଇଗଲା। ସେ ଯାଇ ଗୋଟିଏ ପର୍ବତ ପାଖରେ ପହଞ୍ଚିଲା। ପର୍ବତରେ ଥିବା ଏକ ଗୁହା ଭିତରକୁ ପଶିଯାଇ ସେ ଦେଖିଲା ଯେ ତାହା ଖାଲିପଡ଼ିଛି। ସେ ଭାବିଲା – 'ବେଶି ରାତି ହୋଇଗଲେ କେହି ନା କେହି ଜୀବ ଏଇ ଗୁହା ଭିତରକୁ ଆସିବ ଓ ମୁଁ ତାକୁ ମାରି ଖାଇବି'। ଏପରି ବିଚାରକରି ସିଂହ ସେଇ ଗୁହା ଭିତରେ ଜଗିରହିଲା।

ସେଇ ଗୁହାଟିରେ ଗୋଟିଏ ବିଲୁଆ ବହୁ ଦିନରୁ ବସା କରି ରହୁଥିଲା। ସେ ନିତି ବଣ ଭିତରକୁ ଆହାର ଖୋଜିବାକୁ ଯାଏ ଓ ରାତିହେଲେ ଗୁହା ଭିତରକୁ ଫେରିଆସେ। ସବୁଦିନ ପରି ସେଦିନ ମଧ୍ୟ ବିଲୁଆ ଖାଇବା କାମ ସାରି ଗୁହା ପାଖକୁ

Digitized by srujanika@gmail.com

ଫେରିଆସିଲା । ସେ ଦେଖିଲା ଯେ ଗୁହା ଭିତରକୁ ଗୋଟିଏ ଜୀବ ଯାଇଥିବାର ପାଦଚିହ୍ନ ପଡ଼ିଛି, କିନ୍ତୁ ତା'ର ଫେରିବାର ପାଦଚିହ୍ନ ଦେଖାଯାଉନାହିଁ।

ବିଲୁଆ ମନରେ ଭାବିଲା – 'ମୁଁ ଗୋଟିଏ ଉପାୟ କରି ଆଗେ ଦେଖିବି ଏଇ ଗୁହା ଭିତରେ କିଏ ଅଛି। ତାହା ନ ଜାଣି ଭିତରକୁ ଯିବା ଠିକ୍ ହେବନାହିଁ । ଏପରି ବିଚାରକରି ସେ ମିଛରେ ବଡ଼ପାଟିକରି କହିଲା – ''ଆରେ ଗୁହା ! ତୁ ନିତି ମତେ ଡାକିଲେ ମୁଁ ଭିତରକୁ ଯାଏ। ଯେଉଁଦିନ ତୁ ମତେ ନଡାକୁ, ମୁଁ ସେଦିନ ଯାଇ ଆଉ ଗୋଟାଏ ଗୁହାରେ ରହେ। ଯଦି ତୁ ଏବେ ମତେ ନଡାକିବୁ, ତେବେ ମୁଁ ଆଉ ଏକ ଜାଗାକୁ ଯାଇ ରାତି କଟାଇବି ।''

ଏହା ଶୁଣି ଗୁହା ଭିତରେ ଥିବା ବୋକା ସିଂହ ଭାବିଲା – 'ତାହାହେଲେ ଏଇ ଗୁହାଟା ନିତି କଥା କହୁଥିଲା ଓ ବିଲୁଆକୁ ଡାକୁଥିଲା' । ଯାହା ଦେଖୁଚି ଗୁହାଠାରୁ ଡାକ ନଶୁଣିଲେ ଏ ବିଲୁଆ ଭିତରକୁ ପଶିବ ନାହିଁ। ମୁଁ ମୋର ଶିକାର ହରାଇବି। ମୁଁ ଯଦି ଡାକରାଦିଏ, ତେବେ ବିଲୁଆ ଭାବିବ ଯେ ଗୁହା ଡାକୁଚି। ତାହାହେଲେ ସେ ଭିତରକୁ ପଶିଆସିବ ଓ ମୋ ହାବୁଡ଼ରେ ପଡ଼ିବ।

ଏପରି ଚିନ୍ତାକରି ସିଂହ ଗୋଟିଏ ରଡ଼ି ଦେଲା। ସେ ରଡ଼ି ଶୁଣି ବିଲୁଆ ଜାଣିପାରିଲା ଯେ ଗୁମ୍ଫା ଭିତରେ ସିଂହ ରହିଛି। ଏହା ଜାଣିପାରି ସେ ସଙ୍ଗେ ସଙ୍ଗେ ସେଠାରୁ ପଳାଇଗଲା। ସିଂହ ବିଲୁଆକୁ ଖାଇବ ବୋଲି ଯାହା ମନେ ମନେ ଭାବିଥିଲା ତାହା ଆଉ ହୋଇପାରିଲା ନାହିଁ।

ଏଇପରି ଭାବେ ବିଲୁଆ ଆଗରୁ ହୁସିଆର ହେବାରୁ ସିଂହ ମୁହଁରେ ପଡ଼ିଲାନାହିଁ। ତେଣୁ 'ଯେ ଆଗରୁ ସାବଧାନ ରହେ, ତା' ଉପରକୁ ବିପଦ ଆସେନାହିଁ'।

Digitized by srujanika@gmail.com

ଜନ୍ମ ଅନୁସାରେ ଗୁଣ

ଦିନେ ଗୋଟିଏ ସିଂହ ଦିନସାରା ବଣରେ ବୁଲି ବୁଲି ଗୋଟିଏ ହେଲେ ଶିକାର ପାଇଲା ନାହିଁ। ସନ୍ଧ୍ୟା ସମୟରେ ସେ ବସାକୁ ଫେରିଆସୁଥିବାବେଳେ ଗୋଟିଏ ବିଲୁଆ ଛୁଆକୁ ଦେଖିଲା। ଛୁଆଟାକୁ ଦେଖି ସିଂହ ମନରେ ଦୟା ଆସିଲା। ସେ ତାକୁ ନ ମାରି ତା' ବସାକୁ ନେଇଗଲା।

ସିଂହୀ ସିଂହକୁ ପଚାରିଲା– "ଆଜି ଖାଇବାପାଇଁ କିଛି ଆଣିନାହଁ କି?" ସିଂହ କହିଲା– "ବଣରେ ବୁଲି ବୁଲି ଏଇ ବିଲୁଆ ଛୁଆଟି ଛଡ଼ା ଆଉ କିଛି ପାଇଲି ନାହିଁ। ଏଇଟା ଗୋଟିଏ ଛୋଟ ଛୁଆ ହୋଇଥିବାରୁ ମୁଁ ତାକୁ ମାରିଲି ନାହିଁ। ତୁମକୁ ଯଦି ଖୁବ୍ ବେଶୀ ଭୋକ ହେଉଛି, ତେବେ ତୁମେ ଏଇ ଛୁଆଟାକୁ ମାରି ଖାଇପାରିବ।"

ସିଂହୀ ଏହା ଶୁଣି ଉତ୍ତର ଦେଲା– "ଛୁଆଟି କେଡ଼େ କଉତୁକିଆ ହେଇଚି। ମୁଁ ତାକୁ ନ ମାରି ମୋର ଦୁଇପୁଅଙ୍କ ସାଙ୍ଗରେ ରଖି ପୁଅପରି ପାଳିବି।" ସେ ଏପରି କହି ନିଜର ଛୁଆ ଦୁଇଟିଙ୍କ ସହିତ ବିଲୁଆ ପିଲାକୁ ପାଳିଲା। ତିନୋଟିଯାକ ଛୁଆ ଏକା ସାଙ୍ଗରେ ଖାଇପିଇ ଓ ଖେଳିବୁଲି ଖୁସିରେ ରହିଲେ। ସିଂହଛୁଆମାନେ ବିଲୁଆ ପିଲାକୁ ନିଜର ବଡ଼ଭାଇ ବୋଲି ମନେକରୁଥିଲେ।

ଦିନେ ତିନିଭାଇଯାକ ବଣରେ ବୁଲୁଥିବା ବେଳେ ଗୋଟିଏ ହାତୀକୁ ଦେଖିଲେ। ସିଂହଛୁଆମାନେ ହାତୀକୁ ଦେଖି ଡରିନଯାଇ ତା' ସହିତ ଲଢ଼େଇ କରିବାକୁ ବାହାରି ପଡ଼ିଲେ। ବିଲୁଆପିଲା ତାହା ଦେଖି ସେମାନଙ୍କୁ ଆକଟ କରି କହିଲା– "ଭାଇମାନେ!

Digitized by srujanika@gmail.com

ହାତୀ ହେଉଛି ଆମମାନଙ୍କର ଶତ୍ରୁ। ଭାରି ବଳୁଆ ମଧ। ତେଣୁ ତା'ପାଖକୁ ଯିବା ଆମର ଉଚିତ ନୁହେଁ।'' ଏହା କହି ସେ ଡରରେ ଦଉଡ଼ି ଦଉଡ଼ି ବସାକୁ ପଳାଇଗଲା।

Digitized by srujanika@gmail.com

କିଛି ସମୟ ପରେ ସିଂହଛୁଆ ଦୁହେଁ ଘରକୁ ଫେରିଆସି ସିଂହକୁ କହିଲେ– "ବାପା ! ବଣରେ ଆମେ ବୁଲି ବୁଲି ଆଜି ଗୋଟିଏ ହାତୀ ଦେଖିଲୁ। ତାକୁ ଦେଖି ଆମ ବଡ଼ଭାଇ ଡରରେ ଛାନିଆ ହୋଇ ଘରକୁ ପଳାଇଆସିଲା। ସେଇଟା ଭାରି ଡରକୁଳା।"

ସେମାନଙ୍କ କଥା ଶୁଣି ବିଲୁଆପିଲା ରାଗିଯାଇ ସେମାନଙ୍କୁ ଗାଳିଦେଲା। ତା'ର ରାଗ ଦେଖି ସିଂହୀ ତାକୁ ସେଠାରୁ ନେଇଯାଇ ବୁଝାଇଲା– "ପୁଅରେ ! ସେ ଦୁହେଁ ପରା ତୋର ସାନଭାଇ– ସେମାନଙ୍କୁ ଏପରି ଗାଳିମନ୍ଦ କରିବା ଠିକ୍ କଥା ନୁହେଁ। ଆଉ କେବେ ସେ ଦୁହିଁଙ୍କୁ ତୁ ଗାଳି ଦେବୁ ନାହିଁ।"

ବିଲୁଆପିଲା ସିଂହୀ ମା'କୁ ଉତ୍ତର ଦେଲା– "ମାଆ ! ମୁଁ କଣ ସାହସରେ, ପାଠରେ, ରୂପରେ ଓ ଗୁଣରେ ସେମାନଙ୍କଠାରୁ କମ୍ କି ? ତେବେ ସେମାନେ ସାନହୋଇ ମୋତେ କାହିଁକି ଥଟ୍ଟା କରି ହସିବେ ? ଆଉଥରେ ଯଦି ଏପରି କରନ୍ତି, ତେବେ ମୁଁ ସେମାନଙ୍କୁ ମାରିଦେବି।"

ବିଲୁଆପିଲାର ଏଇପରି କଥା ଶୁଣି ସିଂହୀ ମନେ ମନେ ହସିଲା ଓ କହିଲା– "ପୁଅରେ ! ଆଜି ତତେ ସବୁ ସତକଥା ଫିଟାଇ କହିଦେଉଚି, ଶୁଣ। ତୁ ହେଉଛୁ ଗୋଟିଏ ବିଲୁଆ ଛୁଆ। ମୁଁ ଦୟାକରି ତୋତେ ପାଖରେ ରଖି ନିଜ ପୁଅଭଳି ପାଳିଛି। ଏ କଥା ମୋର ପୁଅ ଦୁଇଟି ଆଜିଯାଏଁ ଜାଣିନାହାନ୍ତି। ସେମାନେ ଯେତେବେଳେ ଜାଣିବେ ଯେ ତୁ ସିଂହଛୁଆ ନୋହୁଁ, ତୋତେ ମାରିଦେବେ। ସେମାନେ ଆଉ ଟିକିଏ ବଡ଼ ହେଲେ ତୋତେ ବିଲୁଆ ବୋଲି ଚିହ୍ନିପାରିବେ। ତେଣୁ ତୁ ମୋ କଥା ମାନି ଏଇକ୍ଷଣି ଏଠାରୁ ଚାଲିଯାଇ ନିଜର ଜାତି ଭାଇଙ୍କ ମେଳରେ ରହ। ତତେ ପୁଅଭଳି ପାଳିଥିବାରୁ ମୁଁ ଚାହେଁ ଯେ ତୁ ବଞ୍ଚିରହ।"

Digitized by srujanika@gmail.com

ସିଂହୀର କଥା ଶୁଣିବା ପରେ ବିଲୁଆପିଲାଟି ଭୟରେ ସେଠାରୁ ପଳାଇଯାଇ ବିଲୁଆମାନଙ୍କ ଦଳରେ ରହିଲା ।

ବିଲୁଆ ପିଲା ପାଖରେ ସିଂହପିଲାର ସାହସ କେଉଁଠୁ ଆସିବ । 'ଯେଉଁ ଜାତିରେ ଯେ ଜନ୍ମହୋଇଥାଏ ତାହାଠାରେ ସେଇ ଜାତିର ଗୁଣ ଓ ଲକ୍ଷଣ ଦେଖାଯାଏ' ।

କୁଳବୁଡ଼ା ବେଙ୍ଗରଜା

ଗୋଟିଏ କୂଅ ଭିତରେ ବହୁତ ବେଙ୍ଗ ରହୁଥିଲେ । ସେମାନଙ୍କର ରଜା ମଧ୍ୟ ସେଇଠାରେ ଆନନ୍ଦରେ ଥିଲା । ଏଇପରି କେତେଦିନ ରହିବା ପରେ ବେଙ୍ଗରଜାର ବେଙ୍ଗମାନଙ୍କ ସହିତ କଳି ହେଲା । ସେମାନେ ତାକୁ ମାନିଲେ ନାହିଁ । ତାକୁ ବହୁତ କଷ୍ଟ ଦେଲେ । ତେଣୁ ସେ ଆଉ କୂଅ ଭିତରେ ରହିପାରିଲା ନାହିଁ । କୂଅରୁ ପାଣି କାଢ଼ିବା ପାଇଁ ଶଗଡ଼ିଟିଏ ଲାଗିଥିଲା । ଶଗଡ଼ିର ଦଉଡ଼ି ପାଣିଯାଏ ଲମ୍ବିଯାଇଥିଲା । ବେଙ୍ଗରଜା ସେଇ ଦଉଡ଼ିକୁ ଧରି କୂଅରୁ ବାହାରିଆସିଲା । ସେ କୂଅ ଭିତରେ ଥିବା ବେଙ୍ଗମାନଙ୍କୁ ମାରିଦେବା ପାଇଁ ମନେମନେ ଉପାୟ ଖୋଜୁଥିଲା ।

ଏଇ ସମୟରେ ବେଙ୍ଗରଜା ଦେଖିଲା – ବଡ଼ ସାପଟାଏ ତା'ର ଗାତ ଭିତରକୁ ପଶିଯାଉଛି । ବେଙ୍ଗରଜା ଭାବିଲା – 'ଏଇ ସାପକୁ ଯଦି ମୁଁ କୂଅଭିତରକୁ ନେଇଯିବି, ତେବେ ମୋର ଶତ୍ରୁ ସବୁ ବେଙ୍ଗ ମରିବେ ।' ଏପରି ଚିନ୍ତାକରି ବେଙ୍ଗରାଜା ଗାତ ପାଖକୁ ଯାଇ ସାପକୁ ଡାକିଲା । କହିଲା – ''ମୁଁ ହେଉଚି ବେଙ୍ଗମାନଙ୍କର ରଜା । ଏଇ କୂଅ ଭିତରେ ବେଙ୍ଗମାନଙ୍କୁ ନେଇ ରହେ । ତୁମେ ମୋର ଶତ୍ରୁ ହେଲେ ମଧ୍ୟ ମୁଁ ତୁମର ସାହାଯ୍ୟ

Digitized by srujanika@gmail.com

ନେବାକୁ ଆସିଛି। କୂଅ ଭିତରର ବେଙ୍ଗଗୁଡ଼ାକ ଅମାନିଆ ହୋଇ ମତେ ବଡ଼ ଅପମାନ ଦେଉଛନ୍ତି। ମୁଁ ତୁମକୁ ସେଠାକୁ ନେଇଯିବି ଓ ତୁମେ ସେମାନଙ୍କୁ ମାରିଦେବ। ତାହାହେଲେ ମୁଁ ମୋର ସେଇ କୂଅ ଭିତରେ ଖୁସିରେ ରହିପାରିବି। ସେଠାକୁ ଗଲେ ତୁମକୁ ନିତି ବେଙ୍ଗ ଖାଇବାକୁ ମିଳିବ।''

ବେଙ୍ଗରଜାର କଥା ଶୁଣି ସାପ ଆନନ୍ଦରେ ରାଜିହୋଇ ତା' ସାଙ୍ଗରେ ଗଲା। ସାପ ଓ ବେଙ୍ଗରଜା ଶଗଡ଼ି ଦଉଡ଼ି ଧରି ଧରି କୂଅ ଭିତରେ ପଶିଲେ। କୂଅ ଭିତରେ ଥିବା ଏକ କୋରଡ଼ରେ ଦୁହେଁ ଏକାଠି ରହିଲେ। ସାପ ନିତି ବେଙ୍ଗମାନଙ୍କୁ ଧରି ଆନନ୍ଦରେ ଖାଇବାକୁ ଲାଗିଲା। କେତେଦିନ ଗଲା ପରେ ସାପ ଦେଖିଲା ଯେ, କୂଅ ଭିତରେ ଆଉ ବେଙ୍ଗ ନାହାନ୍ତି। ବେଙ୍ଗରାଜା ଏଥର ସାପକୁ କହିଲା– ''ମୋର ସବୁ ଶତ୍ରୁ ମରିଗଲେଣି। ତେଣୁ ତୁମେ ଏବେ ଶଗଡ଼ିର ଦଉଡ଼ି ଧରି ବାହାରକୁ ଚାଲିଯାଅ।''

ସାପ ଫେରିଯିବାକୁ ରାଜି ନହୋଇ ବେଙ୍ଗରଜାକୁ କହିଲା– ''ତୁ ମତେ ନିତି ବେଙ୍ଗ ଖାଇବାକୁ ଦେବୁ ବୋଲି କହି ଡାକିଆଣିଛୁ। ତୋର ତ ପିଲାଛୁଆ ଅଛନ୍ତି ଓ ବେଙ୍ଗୁଲି ମଧ୍ୟ ଅଛି। ମୁଁ ସେମାନଙ୍କୁ ଖାଇ ଆଉ କେତେ ଦିନ ଏଇଠାରେ ରହିପାରିବି।'' ସାପ ସେଇଆ କଲା। ବେଙ୍ଗର ପରିବାରର ସମସ୍ତଙ୍କୁ ଖାଇଲା। ଏହାଦେଖି ମଧ୍ୟ ବେଙ୍ଗରଜା ଭୟରେ କିଛି କହିପାରିଲାନାହିଁ। ଦିନେ ସାପ ବେଙ୍ଗରଜାକୁ କହିଲା– ''ମିତ! ମୋର ଖାଇବା ପାଇଁ କେଉଁଠୁ ହେଲେ ବେଙ୍ଗ ଯୋଗାଡ଼ କରି ଆଣ। ନୋହିଲେ ମୁଁ ତୁମକୁ ଖାଇ ଦେଇ କୂଅରୁ ବାହାରିଯିବି।''

ବେଙ୍ଗରଜା ତା'ର ଜୀବନ ବଞ୍ଚାଇବାକୁ ଏକ ଉପାୟ ପାଞ୍ଚିଲା। ସେ ସାପକୁ କହିଲା– ''ମିତ! ତୁମେ ଏଇଠାରେ ରହିଥାଅ।

Digitized by srujanika@gmail.com

ମୁଁ ଆଉ ଏକ 'କୂଅକୁ ଯାଉଚି। ସେଠାରେ ରହୁଥିବା ବେଙ୍ଗମାନଙ୍କୁ ଏଇ କୂଅ ଭିତରକୁ ଡାକି ନେଇଆସିବି ଯେ ସେମାନଙ୍କୁ ଖାଇ ତୁମେ ଏଠାରେ ଆଉ କିଛି ଦିନ ଆନନ୍ଦରେ ରହିଯାଇପାରିବ।''

ଏଇ କଥା ଶୁଣି ସାପ ରାଜି ହେବାରୁ ବେଙ୍ଗରଜା ଶଗଡ଼ିର ଦଉଡ଼ି ଧରି କୂଅ ବାହାରକୁ ପଳାଇଗଲା। ସେ ଆଉ ଫେରିଲା ନାହିଁ। ଏହାଦେଖି ସାପ କୂଅ ଭିତରୁ ବେଙ୍ଗକୁ ଡାକି କହିଲା, ''ମିତ ତୁମେ ଫେରିଆସ। ମୁଁ ତୁମକୁ ଏତେ ଭଲପାଏ ଯେ ତୁମ ବିନା ଆଉ ଏଇ କୂଅ ଭିତରେ ବଞ୍ଚିପାରିବି ନାହିଁ। ମୋର ବି ଆଉ ବେଙ୍ଗ ଖାଇବାକୁ ମନହେଉନାହିଁ।''

ବେଙ୍ଗ ସାପର ଚାଲାକି ବୁଝିପାରି କହିଲା– ''ମୁଁ ଆଉ ସେଇ କୂଅକୁ ଫେରିବିନାହିଁ। ତୋ' ସହିତ ମୁଁ ଆଉ ମିତ ହୋଇ ରହିବାକୁ ଚାହେଁ ନାହିଁ।''

ବୁଦ୍ଧି ନଥିବାରୁ ବେଙ୍ଗରଜା ଶତ୍ରୁକୁ ଘରକୁ ଡାକିଆଣି ନିଜର ଜାତିଭାଇମାନଙ୍କୁ ମରାଇଲା। ଶେଷରେ ତା'ର ସ୍ତ୍ରୀ, ପୁଅ, ଝିଅ ମଧ୍ୟ ସାପର ପେଟରେ ଗଲେ। ଏମିତି ଭାବେ ବେଙ୍ଗର କୁଳ ବୁଡ଼ିଲା।

'ନିଜ ଭିତରର କଳି ତୁଟାଇବା ପାଇଁ ବାହାର ଶତ୍ରୁକୁ ଡାକିଆଣିଲେ ଏଇ ଫଳମିଳେ।

ପାଠଠାରୁ ବୁଦ୍ଧି ବଡ଼

ଗୋଟିଏ ନଗରରେ ତିନିଜଣ ପଣ୍ଡିତ ଓ ଜଣେ ଅପାଠୁଆ ଲୋକ ମିତ ବସିଥିଲେ। ପଣ୍ଡିତ ତିନିଜଣ ବହୁତ ପାଠ ପଢ଼ିଥିଲେ

Digitized by srujanika@gmail.com

ମଧ୍ୟ ସେମାନଙ୍କ ମୁଣ୍ଡରେ ବୁଦ୍ଧି ନଥିଲା । ଅପାଠୁଆଟି ପାଠ ପଢ଼ି ନଥିଲା ସତ – କିନ୍ତୁ ଭାରି ବୁଦ୍ଧିମାନ୍ ଥିଲା ।

ଚାରିଜଣଯାକ ରୋଜଗାର କରିବାକୁ ଆଉ ଏକ ଦେଶକୁ ଗଲେ । ପଣ୍ଡିତମାନଙ୍କ ଭିତରୁ ଜଣେ କହିଲା – "ଆମର ସାନ ବନ୍ଧୁ ଜଣକ ତ ପାଠଶାଠ କିଛି ପଢ଼ିନାହିଁ । ଆମେ ରାଜାଙ୍କ ଦରବାରକୁ ଯାଇ ଆମର ପାଠର କରାମତି ଦେଖାଇ ପାରିବା । ରାଜା ଖୁସିହୋଇ ଆମକୁ ଯେଉଁ ଧନ ଦେବେ ଆମେ ସେଥିରୁ ଏଇ ମୂର୍ଖଟାକୁ କିଛି ଦେବା ନାହିଁ ।"

ଏଇ କଥାରେ ଆଉ ଦୁଇଜଣ ପଣ୍ଡିତ ରାଜି ନହୋଇ କହିଲେ – "ଭାଇ ! ଯାହାହେଲେ ବି ସେ ତ ଆମର ସାଙ୍ଗ । ତାକୁ ଆମ ରୋଜଗାରରୁ ଭାଗ ନ ଦେବାଟା ଭଲକଥା ହେବ ନାହିଁ । ଆମେ ଯାହା ରୋଜଗାର କରିବା ସେଥିରୁ ଗୋଟିଏ ଭାଗ ତାକୁ ଦେବା ଉଚିତ ହେବ ।" ସେମାନେ ଶେଷରେ ଠିକ୍ କଲେ ଯେ ଅପାଠୁଆ ସାଙ୍ଗଟିକୁ ରୋଜଗାରର ଗୋଟିଏ ଭାଗ ଦେବେ ।

ଏପରି ବିଚାର କରିସାରି ଚାରି ସାଙ୍ଗ ବାଟ ଚାଲିଲେ । ସେମାନେ ଯାଉଯାଉ ବାଟରେ ଗୋଟିଏ ଜଙ୍ଗଲ ପଡ଼ିଲା । ଜଙ୍ଗଲ ଭିତର ଦେଇ ଯିବାବେଳେ ଗୋଟିଏ ମଲା ପଶୁର ହାଡ଼ଗଦା ଦେଖିଲେ । ତାଙ୍କ ଭିତରୁ ଜଣେ ପଣ୍ଡିତ କହିଲା – "ଭାଇମାନେ ! ଆସ, ଏଇ ହାଡ଼ଗୁଡ଼ିକୁ ନେଇ ଆମେ ଆମର ପାଠର କରାମତି ଦେଖାଇବା ।" ଏପରି କହି ପଣ୍ଡିତ ଜଣକ ଯେଉଁ ହାଡ଼ ଯେଉଁଠି ରହିବା କଥା ସେ ହାଡ଼କୁ ସେଇଠାରେ ଲଗାଇଦେଲା । ଏଥିରେ ଗୋଟିଏ ଜୀବର କଙ୍କାଳ ତିଆରି ହୋଇଗଲା ।

କଙ୍କାଳଟି ତିଆରି ହୋଇଯିବା ପରେ ଆଉ ଜଣେ ପଣ୍ଡିତ ତା' ପାଠର କରାମତି ଦେଖାଇଲା । ସେ ସେଇ କଙ୍କାଳରେ

Digitized by srujanika@gmail.com

ଚମ, ରକ୍ତ ଓ ମାଂସ ଲଗାଇଦେଲା ।

ତୃତୀୟ ପଣ୍ଡିତ ଜଣକ ଏହା ଦେଖି କହିଲା – ''ଭାଇମାନେ, ତୁମେ ସିନା ହାଡ଼କୁ ଯୋଡ଼ି ରକ୍ତ ମାଂସ ଲଗାଇଦେଲ, କିନ୍ତୁ

Digitized by srujanika@gmail.com

ତୁମମାନଙ୍କ ଭିତରୁ କେହି ଜୀବଟାକୁ ଜୀବନ ଦେଇପାରିବ ନାହିଁ। ଜୀବଟି କିପରି ଜୀବନ ପାଇ ବଞ୍ଚିଉଠିବ ସେଇ ପାଠ କେବଳ ମତେ ଜଣାଅଛି। ଏଇଲେ ମୋ ପାଠର କରାମତି ତୁମେମାନେ ସମସ୍ତେ ଦେଖିବ। ମୁଁ ଏବେ ମଲା ଜୀବଟି ଦେହରେ ଜୀବନ ଆଣିଦେବି ଓ ସେ ବଞ୍ଚିଉଠିବ।''

ଏକଥା ଶୁଣି ଅପାଠୁଆ ସାଙ୍ଗଟି କହିଲା – ''ଭାଇ ! ଏଇ ହାଡ଼ଗୁଡ଼ାକ ଗୋଟିଏ ସିଂହର ହାଡ଼। ଚର୍ମ, ରକ୍ତ ଓ ମାଂସ ଯାହା ସେଥିରେ ଲଗାଇ ଦେଇଛ ସେଥିରେ କିଛି ଯାଏ ଆସେ ନାହିଁ। କିନ୍ତୁ ତାକୁ ଜୀବନ ଦେଲେ ସିଂହଟା ବଞ୍ଚିଉଠିବ ଓ ସଙ୍ଗେ ସଙ୍ଗେ ଆମକୁ ଖାଇଦେବ। ସିଂହ ଦେହରେ ଜୀବନ ଦେଲେ ଆମେ ବିପଦକୁ ଡାକିଆଣିବା ଭଳି ହେବ।''

ତୃତୀୟ ପଣ୍ଡିତ ଜଣକ ଅପାଠୁଆ ସାଙ୍ଗର କଥା ଶୁଣି ରାଗିଯାଇ କହିଲା – ''ଆରେ, ତୁ ଗୋଟାଏ ନିପଟ ମୂର୍ଖ। ତୋତେ ପାଠଶାଠ କିଛି ଜଣାନାହିଁ। ମୋ ପାଖରେ ଯେଉଁ ପାଠ ଅଛି ତା'ର ପରୀକ୍ଷା ଆଉ କେତେବେଳେ ହେବ ? ଅନ୍ୟ ସାଙ୍ଗମାନେ ସେମାନଙ୍କ ପାଠର କରାମତି ଦେଖାଇ ସାରିଲେଣି – ମୁଁ କାହିଁକି ମୋ ପାଠର କରାମତି ନଦେଖାଇବି ? ଏଇସବୁ ପାଠ କଥାରେ ତୋ' ଭଳି ମୂର୍ଖର ପାଟି ଫିଟାଇବା ଉଚିତ ନୁହେଁ।''

ତୃତୀୟ ପଣ୍ଡିତର କଥା ଶୁଣିବା ପରେ ମୂର୍ଖ ସାଙ୍ଗଟି କହିଲା – ''ହଉ ଭାଇ, ତୁ ଟିକିଏ ରହ। ମୁଁ ଗଛ ଉପରକୁ ଚଢ଼ିଗଲା ପରେ ତୁ ତୋର ପାଠର କରାମତି ଦେଖାଇବୁ।'' ଏହା କହି ସେ ସଙ୍ଗେ ସଙ୍ଗେ ପାଖରେ ଥିବା ଗୋଟିଏ ବଡ଼ ଗଛ ଉପରକୁ ଚଢ଼ିଗଲା।

ତୃତୀୟ ପଣ୍ଡିତ ମନ୍ତ୍ର ପଢ଼ିବାରୁ ସିଂହ ଦେହରେ ଜୀବନ ଆସିଗଲା ଓ ସେ ବଞ୍ଚି ଉଠିଲା। ଭୋକିଲା ସିଂହଟା ସଙ୍ଗେ

Digitized by srujanika@gmail.com

ସଙ୍ଗେ ସେଇ ତିନିଜଣ ପଣ୍ଡିତଙ୍କୁ ମାରି ଖାଇଦେଇ ସେଠାରୁ ପଳାଇଲା । ତା'ପରେ ମୂର୍ଖ ସାଙ୍ଗଟି ଗଛରୁ ଓହ୍ଲାଇ ବଡ଼ ମନଦୁଃଖରେ ନିଜ ଘରକୁ ଫେରିଗଲା ।

ପାଠ ଥାଇ ମଧ୍ୟ ବୁଦ୍ଧି ନଥିବାରୁ ପଣ୍ଡିତମାନେ ପ୍ରାଣ ହରାଇଲେ । ତେଣୁ କହନ୍ତି – 'ପାଠଠାରୁ ବୁଦ୍ଧି ବଡ଼' ।

ଦୁଇମୁଣ୍ଡିଆ ତନ୍ତୀ

ଜଣେ ତନ୍ତୀ ଦିନେ ଲୁଗା ବୁଣିବା ସମୟରେ ତା'ର ତନ୍ତର କେତେଟା କାଠ କିଳା ଭାଙ୍ଗିଗଲା । ସେ କାଠ ଖଣ୍ଡେ ଆଣିବାକୁ ଯାଇ ଗୋଟିଏ ଶିଂଶପାଗଛ ଦେଖିଲା । ସେହି ଗଛକୁ ହାଣିବା ସମୟରେ ଗଛରୁ ଗୋଟିଏ ବ୍ରହ୍ମରାକ୍ଷସ ବାହାରିପଡ଼ି ତାକୁ କହିଲା – "ମୁଁ ଏଠାରେ ଅନେକ ଦିନରୁ ରହିଛି । ଏ ଗଛଟା ମୋର । ତୁ କାହିଁକି ଏହାକୁ କାଟି ମୋ ଘର ଭାଙ୍ଗିବାକୁ ଯାଉଚୁ ?"

ବ୍ରହ୍ମରାକ୍ଷସର କଥା ଶୁଣି ତନ୍ତୀ ଉତ୍ତର ଦେଲା – "ମୋ ତନ୍ତର କାଠ କିଳା ଭାଙ୍ଗିଯିବାରୁ ମୁଁ କାଠପାଇଁ ଗଛ କାଟୁଚି । ତନ୍ତ ମରାମତି ନହୋଇ ପଡ଼ିରହିଲେ ମୋର ପିଲାଛୁଆ ଖାଇବାକୁ ପାଇବେ ନାହିଁ । ତୁମେ ଦୟାକରି ଆଉ କେଉଁ ଗଛକୁ ଚାଲିଯାଅ । ଏଇ ଗଛଟିର କାଠ ମୋର ତନ୍ତ ପାଇଁ ଠିକ୍ ହେବ ।"

ବ୍ରହ୍ମରାକ୍ଷସ ତନ୍ତୀଟିର ସରଳ କଥାରେ ଖୁସିହୋଇ କହିଲା – "ମୁଁ ତୋ' ଉପରେ ଖୁସି ହୋଇ ତୋତେ ଗୋଟିଏ ବର ଦେବାକୁ ମନକରୁଛି । ତୋ'ର ଯାହା ଇଚ୍ଛା ତାହା ମୋଠାରୁ ମାଗିନେ । ଏଇ ଗଛଟାକୁ ଛାଡ଼ିଦେଇ ଆଉ ଏକ ଗଛ କାଟେ ।"

ତନ୍ତୀଟି ଉତ୍ତର ଦେଲା – "ମୁଁ ତୁମକୁ ଯେ କ'ଣ ବର

Digitized by srujanika@gmail.com

ମାଗିବି ତାହା ଠିକ୍ କରିପାରୁ ନାହିଁ। ତୁମେ ରାଜି ହେଲେ ମୁଁ ଏଇଲେ ଗାଁକୁ ଯିବି ଓ କ'ଣ ବର ମାଗିବି ମୋର ସ୍ତ୍ରୀକୁ ପଚାରିଆସିବି।''

ବ୍ରହ୍ମରାକ୍ଷସ ସେଥିରେ ରାଜି ହେବାରୁ ତନ୍ତୀ ଘରକୁ ଗଲା। ବାଟରେ ସେ ତା'ର ସାଙ୍ଗ ଜଣେ ଭଣ୍ଡାରିକୁ ଦେଖି ପଚାରିଲା– ''ମିତ! ବଣର ଗୋଟିଏ ଗଛରେ ରହୁଥିବା ଏକ ବ୍ରହ୍ମରାକ୍ଷସ ମତେ ବର ଦେବ ବୋଲି କହିଚି। ତୁମେ କହିଲ ମୁଁ ତାକୁ କ'ଣ ବର ମାଗିଲେ ଭଲ ହେବ ?''

ସାଙ୍ଗ କହିଲା– ''ଯଦି ଏପରି କଥା, ତେବେ ତୁମେ ତାକୁ ଗୋଟିଏ ରାଜ୍ୟ ମାଗିବା ଠିକ୍ ହେବ। ରାଜ୍ୟଟିଏ ଯଦି ମିଳିଯାଏ ତେବେ ତୁମେ ରାଜା ହେବ ଓ ମୁଁ ତୁମର ମନ୍ତ୍ରୀ ହେବି।''

ସାଙ୍ଗର କଥା ଶୁଣି ତନ୍ତୀ କହିଲା– ''ମିତ! ତୁମେ ଭଲ କଥା କହିଲ। ତଥାପି ମୁଁ ମୋର ସ୍ତ୍ରୀକୁ ଥରେ ପଚାରି ଆସିବି।'' ଭଣ୍ଡାରୀ ତନ୍ତୀକୁ ମନାକଲେ ମଧ ସେ ସ୍ତ୍ରୀକୁ ପଚାରିବାକୁ ଘରକୁ ଗଲା।

ତା'ର ସ୍ତ୍ରୀ ସବୁକଥା ଶୁଣିବା ପରେ କହିଲା– ''ରାଜା ହେଲେ ଲଢ଼େଇ କରିବାକୁ ପଡ଼ିବ। ରାଜ୍ୟଟିଏ ଚଳାଇବା କେଡ଼େ କଷ୍ଟ କାମ ତାହା ତୁମର ସେଇ ମୂର୍ଖ ସାଙ୍ଗ ଭଣ୍ଡାରି ଜାଣେନାହିଁ। ତୁମେ ଯଦି ମୋ କଥା ମାନି ବ୍ରହ୍ମରାକ୍ଷସକୁ ବର ମାଗିବ ତେବେ ଆମେ ଦୁହେଁ ସୁଖରେ ରହିବା। ତୁମେ ନିତି ଯେଉଁ ଗୋଟିଏ ଲୁଗା ବୁଣୁଚ ସେଥିରେ ଆମର ଗୋଟିଏ ଦିନ ଚଳିଯାଉଚି। ତୁମର ଚାରିଟି ହାତ ଓ ଦୁଇଟି ମୁଣ୍ଡ ଯଦି ଥା'ନ୍ତା ତେବେ ତୁମେ ନିତି ଦୁଇଟା ଲୁଗା ବୁଣି ପାରନ୍ତ। ଗୋଟିଏ ଲୁଗା ବିକି ଆମେ ଘରଖର୍ଚ୍ଚ ଚଳାନ୍ତେ। ଆଉ ଲୁଗାଟିର ଲାଭ ପଇସାଟାକୁ ସଞ୍ଚୟ କରନ୍ତେ। ତାହାହେଲେ କିଛିଦିନ ପରେ ଆମ ପାଖରେ

Digitized by srujanika@gmail.com

ବହୁତ ଟଙ୍କା ହୋଇଯାନ୍ତା । ଆମେ ସେଥିରେ ଜମିବାଡ଼ି କିଣିପାରନ୍ତେ ଓ କୋଠାଘର ତୋଳିପାରନ୍ତେ । ତେଣୁ ତୁମେ ଆଉ ଗୋଟିଏ ମୁଣ୍ଡ ଓ ଆଉ ଦୁଇଟା ହାତ ବର ମାଗ ।''

Digitized by srujanika@gmail.com

ସ୍ତ୍ରୀର କଥାରେ ପଡ଼ି ତନ୍ତୀ ବିଚରା ଗଛମୂଳକୁ ଫେରିଯାଇ ବ୍ରହ୍ମରାକ୍ଷସକୁ ବର ମାଗିଲା– ''ମତେ ଆଉ ଗୋଟିଏ ମୁଣ୍ଡ ଓ ଆଉ ଦୁଇଟି ହାତ ଦିଅ।'' ବ୍ରହ୍ମରାକ୍ଷସ ସେଇପରି ବର ଦେଇ ଚାଲିଗଲା। ବ୍ରହ୍ମରାକ୍ଷସର ବରରେ ତନ୍ତୀର ଆଉ ଗୋଟିଏ ମୁଣ୍ଡ ଓ ଆଉ ଦୁଇଟି ହାତ ବାହାରିଲା। ବିଚରା ଖୁସି ମନରେ ଘରକୁ ଆସୁଥିବା ବେଳେ ଲୋକମାନେ ତା'ର ଦୁଇଟା ମୁଣ୍ଡ ଓ ଚାରିଟା ହାତ ଦେଖି ଭାବିଲେ– ଏଇଟା ଗୋଟାଏ ଅସୁର ହେବ। ତା'ପରେ ସେମାନେ ଏକାଠି ହୋଇ ଢେଲା ପଥର ପକାଇ ଓ ଠେଙ୍ଗାରେ ପିଟି ଦିମୁଣ୍ଡିଆ ତନ୍ତୀକୁ ମାରିଦେଲେ।

ତନ୍ତୀର ଯଦି ନିଜର ବୁଦ୍ଧି ଥା'ନ୍ତା ଓ ସେ ତା'ର ସାଙ୍ଗ ଭଣ୍ଡାରିର କଥା ମାନିଥାନ୍ତ, ତେବେ ସେ ମରିନଥାନ୍ତା। ତେଣୁ 'ନିଜ ବୁଦ୍ଧିରେ କାମ କରିବା ଓ ଉପକାରୀ ମିତର କଥା ମାନିବା ଉଚିତ ଅଟେ'।

□ □ □

Digitized by srujanika@gmail.com